# NATIONAL NEWS BULLETIN (ODIA)
## 25 August - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଆତ୍ମନିର୍ଭରତାକୁ ଦେଶ' ବିକଶିତ ଭାରତର ଭିତ୍ତିଭୂମି ଭାବେ ପରିଣତ କରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ସନ୍ତ୍ରାସବାଦ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳତା ନୀତି ଦୋହରାଇଛନ୍ତି ଭାରତ ଓ ଫିଜି ।
- ୨୦୧୭-୧୮ରୁ ୨୦୨୩-୨୪ ବର୍ଷ ମଧ୍ୟରେ ଦେଶରେ ମହିଳା ନିଯୁକ୍ତିହାର ପ୍ରାୟ ଦ୍ୱିଗୁଣିତ ହୋଇଛି ବୋଲି ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସୂଚନା ।
- ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆସନ୍ତା ୨୯ ତାରିଖଠାରୁ ଦେଶ ବ୍ୟାପି ହେବାକୁ ଥିବା ଫିଟ୍ ଇଣ୍ଡିଆ କ୍ରୀଡ଼ା ଅଭିଯାନର ନେତୃତ୍ୱ ନେବେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

ଏବଂ

- ରାଜ୍ୟଗୋଷ୍ଠୀ ଭାରୋତ୍ତଳନ ଚାମ୍ପିୟାନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କଲେ ମୀରାବାଇ ଚାନୁ ।

# ଗୁଜରାଟ-ପିଏମ୍ ଭିଜିଟ୍

ଆତ୍ମନିର୍ଭରତାକୁ ଦେଶ ବିକଶିତ ଭାରତର ଭିତ୍ତିଭୂମି ଭାବେ ପରିଣତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ଗୁଜରାଟର ଅହମ୍ମଦାବାଦରେ ୫ ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆତ୍ମନିର୍ଭରତାକୁ ଅଧିକ ସଶକ୍ତ କରିବା ଲାଗି ସରକାର ପଶୁପାଳକ, କୃଷକ ଓ ବିଶେଷ କରି ଲଘୁ ଉଦ୍ୟୋଗୀମାନଙ୍କର ବିକାଶ ଲାଗି ଅନେକ ପଦକ୍ଷେପ ନେଉଛନ୍ତି । ଏହାଛଡ଼ା ଦୁଗ୍ଧ ଉତ୍ପାଦନ ଓ ସମବାୟ କ୍ଷେତ୍ରରେ ମଧ୍ୟ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିବା ସହିତ ଅର୍ଥନୀତି ଅଭିବୃଦ୍ଧି ଦିଗରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇ  ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ସେ ଏକ ବିଶାଳ ରୋଡ୍ ଶୋ’ କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ ।

ଆଜି ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨ ହଜାର ୫୦୦ କୋଟି ଟଙ୍କାର ସହରାଞ୍ଚଳ ବିକାଶ ଯୋଜନା ଏବଂ ୧୧ଶହ କୋଟି ଟଙ୍କାର ଶକ୍ତି ଯୋଗାଣ ପ୍ରକଳ୍ପ ରହିଛି ।

ଆସନ୍ତାକାଲି ପୂର୍ବାହ୍ଣରେ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦର ହଂସଲପୁର ଠାରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ୧୦୦ଟି ଦେଶକୁ ଇଲେକ୍ଟ୍ରିକ୍ ଯାନ ରପ୍ତାନୀର ଶୁଭାରମ୍ଭ କରିବା ସହ ଉପସ୍ଥିତ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ଫିଜି ଏମ୍‌ଓୟୁ

ସନ୍ତ୍ରାସବାଦ କାର୍ଯ୍ୟକଳାପ ପ୍ରତି ଭାରତ ଓ ଫିଜି ଶୂନ୍ୟ ସହନଶୀଳତା ନୀତି ଦୋହରାଇଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କର ଫିଜି ପ୍ରତିପକ୍ଷ ସିତିଭେନି ରାବୁକାଙ୍କ ମଧ୍ୟରେ ଦ୍ୱିପକ୍ଷିୟ କଥାବାର୍ତ୍ତା ସମୟରେ ଉଭୟ ନେତା ଏହି ପ୍ରସଙ୍ଗରେ ସହମତ ହୋଇଛନ୍ତି । ଏହାଛଡ଼ା ସମସ୍ତ ପ୍ରକାର ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ଏହା ବିରୁଦ୍ଧରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି । ଗତ ଏପ୍ରିଲ୍ ମାସରେ ଜାମ୍ମୁ କାଶ୍ମୀରରେ ହୋଇଥିବା

ପହଲଗାମ୍ ସନ୍ତ୍ରାସବାଦୀ ଆକ୍ରମଣକୁ ଦୁଇ ନେତା ଦୃଢ଼ ନିନ୍ଦା କରିଛନ୍ତି । ସନ୍ତ୍ରାସବାଦ କାର୍ଯ୍ୟକଳାପ ଲାଗି ପାଣ୍ଠି ଯୋଗାଣ, ସନ୍ତ୍ରାସବାଦ ଶିବିରରେ ଯୋଗଦେବା ଲାଗି ହେଉଥିବା ଚୟନ ପ୍ରକ୍ରିୟାକୁ ରୋକିବା ଏବଂ ଏଭଳି କାର୍ଯ୍ୟକଳାପ ଲାଗି ବ୍ୟବହୃତ ହେଉଥିବା ଆଧୁନିକ ଜ୍ଞାନକୌଶଳକୁ ପ୍ରତିହତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତ ଓ ଫିଜି ନିଜର ସମ୍ମତି ପ୍ରଦାନ କରିଛନ୍ତି ।

ଏହି ଦ୍ୱିପକ୍ଷିୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଫିଜି ପାଇଁ ଏକ ଗୁରୁତର ବିପଦ ହୋଇଥିବାରୁ ସେହି ପ୍ରସଙ୍ଗରେ ଉଭୟ ଦେଶ ନବୀକରଣ ଶକ୍ତି ଉପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

**V/O-1-PM-ON-CLIMATE-CHANGE**

ଶ୍ରୀ ମୋଦୀ କହିଛନ୍ତି, ଫିଜି ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ଭାରତ ଓ ଫିଜି ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି;

**V/O-2--PM-MODI-ON-FIJI-RELATION**

ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଦୁଇପକ୍ଷୀୟ ଆଲୋଚନା ସମ୍ପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ଦକ୍ଷିଣାଞ୍ଚଳ ସଚିବ

ନିନା ମାଲହୋତ୍ରା କହିଛନ୍ତି, **V/O-2-NEENA-MALHOTRA-SECY-TERRORISM**

ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଆଜି ୯ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଶେଷ କରି ବାଣିଜ୍ୟ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା, ସଂଯୋଗୀକରଣ, ପ୍ରତିରକ୍ଷା, କ୍ଷମତା ନିର୍ମାଣ ତଥା ଜନସମ୍ପର୍କ ଭଳି ପ୍ରସଙ୍ଗ ଉପରେ ଏହିସବୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# ପିଏଲ୍ଏଫ୍ଏସ୍-ଓ୍ୱମେନ୍

୨୦୧୭-୧୮ରୁ ୨୦୨୩-୨୪ ବର୍ଷ ମଧ୍ୟରେ ଦେଶରେ ମହିଳା ନିଯୁକ୍ତିହାର ପ୍ରାୟ ଦ୍ୱିଗୁଣିତ ହୋଇଛି । ଆଜି ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ନିୟମିତ ସର୍ଭେରେ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ ବର୍ଷରେ ଦେଶରେ ମହିଳା ବେକାରୀ ହାର ୫ ଦଶମିକ୍ ୬ ପ୍ରତିଶତ ଥିବା ବେଳେ ୨୦୨୩-୨୪ରେ ଏହା ତିନି ଦଶମିକ୍ ୨ ପ୍ରତିଶତକୁ ହ୍ରାସ ପାଇଛି । ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳରେ ମହିଳା ନିଯୁକ୍ତିହାର ୯୬ ପ୍ରତିଶତ ଏବଂ ସହରାଞ୍ଚଳରେ ୪୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୦-୧୧ରୁ ୨୦୨୩-୨୪ ବର୍ଷ ମଧ୍ୟରେ ଦେଶରେ ମହିଳା ନେତୃତ୍ୱାଧୀନ ଏମ୍.ଏସ୍.ଏମ୍.ଇ. ସଂଖ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି ବୋଲି ଏହି ସର୍ଭେ ରିପୋର୍ଟ୍‌ରେ ଦର୍ଶାଯାଇଛି । ଗତ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଦେଢ଼କୋଟିରୁ

ଅଧିକ ମହିଳା ଦେଶର ବିଧିବଦ୍ଧ ଶ୍ରମ ଶକ୍ତିରେ ସାମିଲ ହୋଇଥିବା ବେଳେ ଚଳିତ ମାସ ସୁଦ୍ଧା ୧୬ କୋଟିରୁ ଊର୍ଦ୍ଧ୍ୱ ମହିଳା ଅଣସଂଗଠିତ ଶ୍ରମିକ ଭାବେ ଇ-ଶ୍ରମ୍‌ରେ ପଞ୍ଜିକୃତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ନାଗାଲାଣ୍ଡ ଗଭର୍ଣ୍ଣ ଓଥ୍

ମଣିପୁର ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଆଜି ନାଗାଲାଣ୍ଡର ୨୨ତମ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି । କୋହିମା ସ୍ଥିତ ରାଜଭବନରେ ଗୌହାଟୀ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଆଶୁତୋଷ କୁମାର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ନାଗାଲାଣ୍ଡ ରାଜ୍ୟପାଳ ଲା ଗନେଶନ୍‌ଙ୍କର ଗତ ୧୫ ତାରିଖରେ ଦେହାନ୍ତ ପରେ ଶ୍ରୀ ଭାଲ୍ଲାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି । ଶପଥଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ନିଫିଉ ରିଓ, ଉପମୁଖ୍ୟମନ୍ତ୍ରୀ ଟି.ଆର୍. ଜେଲିଆଙ୍ଗ୍‌ଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆଜି ରାତି ୯.୩୦ ମିନିଟରେ ଆମର ଦ୍ୱିଭାଷୀ ଲାଇଭ୍ ଫୋନ୍-ଇନ୍ ପ୍ରୋଗ୍ରାମ 'ପବ୍ଲିକ୍ ସ୍ପିକ୍'ରେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନଙ୍କ ସହିତ ଅନଲାଇନ୍ ଗେମିଂ ନିୟନ୍ତ୍ରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ହେବ। କାର୍ଯ୍ୟକ୍ରମ ସମୟରେ, ଶ୍ରୋତାମାନେ ଅନଲାଇନ୍ ଗେମିଂ ଉପରେ ନୂତନ ଆଇନର ବିଭିନ୍ନ ଦିଗ, ଅନଲାଇନ୍ ଗେମିଂରୁ ନିଶା ନିବାରଣ ଏବଂ ଆର୍ଥିକ କ୍ଷତିରୁ କିପରି ସୁରକ୍ଷା ପାଇପାରିବେ ସେ ବିଷୟରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ମିଳିବ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆଜି ରାତି ୯ଟା ୩୦ ମିନିଟ୍‌ରୁ ଟେଲିଫୋନ୍ ନମ୍ବର ୦୧୧-୨୩୭୧୭୧୧୭ ଏବଂ ୦୧୧-୨୩୩୧୪୪୪୪ ରେ ଡାଏଲ୍ କରିପାରିବେ ।

ବିକଳ୍ପ ଭାବରେ, ଆପଣ ଆପଣଙ୍କର ପ୍ରଶ୍ନଗୁଡ଼ିକୁ ହ୍ୱାଟ୍ସଅପ୍ ମାଧ୍ୟମରେ ୯୨୮୯୦୯୪୦୪୪ ନମ୍ବରକୁ ପଠାଇପାରିବେ କିମ୍ବା **AskAir** ହ୍ୟାସଟ୍ୟାଗ୍ ସହିତ **X**ରେ ପୋଷ୍ଟ କରିପାରିବେ।

## ନ୍ୟାସନାଲ୍ ସ୍ପୋର୍ଟସ୍ ଡେ

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆସନ୍ତା ୨୯ ତାରିଖ ଠାରୁ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଦେଶବ୍ୟାପି ହେବାକୁ ଥିବା ଫିଟ୍ ଇଣ୍ଡିଆ କ୍ରୀଡ଼ା ଅଭିଯାନର ନେତୃତ୍ୱ ନେବେ । ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନାର୍ଥେ ଆୟୋଜିତ ହେବାକୁ ଥିବା ଏହି ଅଭିଯାନ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଏହି ତିନି ଦିନିଆ ଦେଶ ବ୍ୟାପି ହେବାକୁ ଥିବା କ୍ରୀଡ଼ା ଓ ଫିଟ୍‌ନେସ୍ ଅଭିଯାନର ବିଷୟବସ୍ତୁ ରହିଛି 'ଏକ୍ ଘଣ୍ଟା – ଖେଲ୍‌କେ ମଇଦାନ୍ ମେଁ' । ଏହି ଅଭିଯାନରେ ଦେଶବ୍ୟାପି ବହୁ ଖ୍ୟାତନାମା କ୍ରୀଡ଼ାବିତ୍ ତଥା ଜନପ୍ରତିନିଧି ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଡବ୍ଲ୍ୟୁବି-କଂଗ. ଏମ୍‌ଏଲ୍‌ଏ ଆରେଷ୍ଟେଡ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ତୃଣମୂଳ କଂଗ୍ରେସ ବିଧାୟକ ଜୀବନ କ୍ରିଷ୍ଣା ଶାହାଙ୍କୁ ମୁର୍ସିଦାବାଦ୍ ଜିଲ୍ଲାର ବୁର୍‌ଗାଓଁ ସ୍ଥିତ ତାଙ୍କ ବାସଭବନରୁ ଗିରଫ୍ କରିଛି । ପଶ୍ଚିମବଙ୍ଗରେ ବିଦ୍ୟାଳୟ ସେବା ଆୟୋଗ – ଏସ୍.ଏସ୍.ସି.ରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଅନିୟମିତତାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ୍ କରାଯାଇଥିବା ଜଣାଯାଇଛି । ଗିରଫ୍

ସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ମୁର୍ସିଦାବାଦ୍, ବୀରଭୂମ୍, ପୁରୁଲିଆ ଓ କୋଲକାତା ସମେତ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରିଛନ୍ତି । ଶ୍ରୀ ଶାହା ପୂର୍ବରୁ ମଧ୍ୟ ଏହି ମାମଲାରେ ଗିରଫ୍ ହୋଇଥିଲେ । ତେବେ ପରେ ଜାମିନ୍ ପାଇ ଖଲାସ ହୋଇଛନ୍ତି ।

## ସ୍ପୋର୍ଟସ୍-ୱେଟ୍‌ଲିଫ୍ଟିଂ

ଅହମ୍ମଦାବାଦ ଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତଳନ ଚାମ୍ପିୟାନ୍‌ସିପ୍‌ରେ ମୀରାବାଇ ଚାନୁ ମୋଟ୍ ୧୯୩ କିଲୋଗ୍ରାମ୍ ଓଜନ ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ମୀରାବାଇ ଚାନୁ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ ।

## ସୁଟିଂ

କାଜାଖସ୍ତାନର ସିମ୍‌କେଣ୍ଟରେ ଚାଲିଥିବା ଏସୀୟ ସୁଟିଂ ଚାମ୍ପିୟନ୍‌ସିପ୍‌ରେ ଭାରତର ମନୁ ଭାକର ମହିଳା ୨୫ ମିଟର ପିସ୍ତଲ ବର୍ଗରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ବ୍ରୋଞ୍ଜ ପଦକ ଲାଗି ହୋଇଥିବା ପ୍ରତିଯୋଗିତାରେ ମନୁ ଭାକର ଭିଏତ୍‌ନାମର ଥୁ-ଭିନ୍ ଟ୍ରିନ୍‌ଙ୍କ ଠାରୁ ପରାସ୍ତ ହୋଇଛନ୍ତି । ଏହି ଚାମ୍ପିୟନ୍‌ସିପ୍‌ରେ ଚୀନ୍‌ର ୱାଇ ଝାଙ୍ଗ୍ ସ୍ୱର୍ଣ୍ଣ ଏବଂ ଜେ ଜିଆଓ ରୌପ୍ୟ ପଦକ ପାଇଛନ୍ତି । ଅନ୍ୟ ପକ୍ଷରେ ଭାରତର

ଭାକର, ଇଶା ଓ ସିମ୍ରନ୍ ପ୍ରୀତ୍ କୌର୍ ବ୍ରାର୍ ଦଳଗତ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।